# ବିଜ୍ଞାପିତ ଅଂଚଳ ପରିଷଦ, ରେଢ଼ାଖୋଲ, ଓଡ଼ିଶା, ଜିଲ୍ଲା-ସମ୍ବଲପୁର

ଇ-ମେଲ- eonacrdl@rediffmail.com,
ୱେବସାଇଟ- www.nacredhakhol.in


## ବିଜ୍ଞପ୍ତି

ପତ୍ର ସଂଖ୍ୟା - ୬୩୭୧ ତାରିଖ - ୦୪.୧୦.୨୦୨୫

ରେଢାଖୋଲର ନୂତନ ବସ ଷ୍ଟାଣ୍ଡ ରେ ୧୪ ଗୋଟି ନୂତନ ଦୋକାନ ଗୃହ (ଉପର ମହଲା – ୮ ଟି ଓ ତଳ ମହଲା – ୬ ଟି) ନିର୍ମାଣ ହୋଇଅଛି ଓ ତା ମଧ୍ଯରୁ ଏକ ଗୋଟି ଦୋକାନ ଗୃହ (ଉପର ମହଲା) SHG ଗ୍ରୁପ ପାଇଁ ଉଦ୍ଧିଷ୍ଟ । ଉକ୍ତ ଦୋକାନ ଗୃହର ଅମାନତ ବାବଦକୁ ଉପର ମହଲା ପାଇଁ ଟ. **୧,୨୦,୦୦୦** ଙ୍କା (ଏକ ଲକ୍ଷ କୋଡିଏ ହଜାର) ମାତ୍ର ଏବଂ ତଳ ମହଲା ପାଇଁ ଟ. **୧,୫୦,୦୦୦** ଙ୍କା (ଏକ ଲକ୍ଷ ପଚାଶ ହଜାର) ମାତ୍ର କାର୍ଯ୍ୟାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଅଛି । ଏହି ଦୋକାନ ଗୃହର ଆବେଦନ ତାରିଖ **୧୦/୧୦/୨୦୨୫** ରିଖ ଠାରୁ **୩୦/୧୦/୨୦୨୫** ରିଖ ଅପରାହ୍ଣ **୫** ଘଟିକା ପର୍ଯ୍ୟନ୍ତ । ଏଣୁ ଇଚ୍ଛୁକ ଥିବା ବ୍ୟକ୍ତି ପରିଷଦ କାର୍ଯ୍ୟାଳୟ ଠାରୁ ଟ. **୫୦୦** ଙ୍କା ମାତ୍ର ମୂଲ୍ୟ ଦେଇ ଏହା ଖରିଦ କରିପାରିବେ, ଯାହାକି ଫେରସ୍ତ ମିଳିବ ନାହିଁ । ନିର୍ଦ୍ଧାରିତ ହୋଇଥିବା ତାରିଖ ଓ ସମୟ ସୀମା ମଧ୍ଯରେ ଆବେଦନ କରିପାରିବେ । ଦୋକାନ ଗୃହ ଆବେଦନ କରିବାର ନିୟମ **ସାରଣୀ 'କ'** ରେ ଦିଆଗଲା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ **ସାରଣୀ 'ଖ'** ରେ ପ୍ରଦତ୍ତ କରାଗଲା । ଅସମ୍ପୂର୍ଣ୍ଣ ଦରଖାସ୍ତଟି କୁ ନିମ୍ନ ସ୍ୱାକ୍ଷରକାରୀ ନାକଚ କରିବାର କ୍ଷମତା ଅଛି ।

ବି.ଦ୍ର. –(କ) ଉକ୍ତ ବିଜ୍ଞପ୍ତି କୁ ନିମ୍ନ ସ୍ୱାକ୍ଷରକାରୀ ବିନା କୌଣସି କାରଣ ନ ଦର୍ଶାଇ ନାକଚ କରିବାର କ୍ଷମତା ରଖନ୍ତି ।
(ଖ) ଉକ୍ତ ବିଜ୍ଞପ୍ତି ରେ ମାଦକ ଦ୍ରବ୍ୟ ବ୍ୟବସାୟୀ ତଥା ଆମିଷ ବ୍ୟବସାୟୀ ଆବେଦନ କରିବା ସଂପୂର୍ଣ୍ଣ ନିଷେଧ ଅଟେ ।

## ସାରଣୀ 'କ'

୧) ଆବେଦନକାରୀ ରେଢାଖୋଲର ବାସିନ୍ଦା ହୋଇଥିବା ବାଧ୍ୟତାମୂଳକ ଅଟେ ।

୨) ଆବେଦନକାରୀଙ୍କ ଟ୍ରେଡ ଲାଇସେନ୍ସ ଥିବା ବାଧ୍ୟତାମୂଳକ ଅଟେ ।

୩) ବିସ୍ଥାପିତ ଦୋକାନୀମାନଙ୍କୁ ଅଗ୍ରାଧିକାରୀ ଦିଆଯିବ ।

୪) ଆବେଦନକାରୀଙ୍କ ନାମରେ ପରିଷଦରୁ ଆଗରୁ କୌଣସି ଦୋକାନ ଗୃହ ଆବଣ୍ଟନ ହୋଇନଥିବ, ଯଦି ତାଙ୍କ ନାମରେ କୌଣସିଦୋକାନ ଗୃହ ଥିବ ତାହାହେଲେ ଦୋକାନ ଗୃହ ପାଇଲା ପରେ ପୁରୁଣା ଦୋକାନ ଗୃହକୁ ଛାଡିବା ବାଧ୍ୟତାମୂଳକ ଅଟେ ।

୫) ଆବେଦନକାରୀଙ୍କ ନାମରେ କୌଣସି ପୋଲିସ କେସ ହୋଇନଥିବ ।

୬) ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲରୁ ଦେୟ ମୁକ୍ତ ସାର୍ଟିଫିକେଟ ଗ୍ରହଣ କରି ଆବେଦନ କରିପାରିବେ ।

୭) ଦୋକାନ ଗୃହ ଗୁଡିକର ଆବଣ୍ଟନ ଲଟେରୀ ମାଧ୍ୟମରେ ଚୟନ କରାଯିବ ।

# <u>ସାରଣୀ 'ଖ'</u>

୧) ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନକାରୀଙ୍କ ନାମ ଠିକଣା ଏବଂ ଗୋଷ୍ଠୀର ନାମ ଉଲ୍ଲେଖ ରହିବ ।

୨) ଆବେଦନକାରୀଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ର ଗଠନ କେଉଁ ମସିହା ଠାରୁ ଆରମ୍ଭ ହୋଇଅଛି ଓ କେଉଁ ୱାର୍ଡରେ ତାହା ଅବସ୍ଥିତ ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ ।

୩) ଆବେଦନକାରୀ ତାଙ୍କ ସଂଘ ର ପ୍ରସ୍ତାବ ବହିର ୨୦୨୫-୨୬ ଆର୍ଥିକ ବର୍ଷ ର ଅତି କମରେ ୨ ଟି ପ୍ରସ୍ତାବର ଜେରକ୍ସ କପି ସଂଲଗ୍ନ କରିବେ ।

୪) ଆବେଦନକାରୀ ତାଙ୍କ ସଂଘ ର କ୍ୟାସ ବୁକ ର ୨୦୨୫-୨୬ ଆର୍ଥିକ ବର୍ଷ ର ପ୍ରଥମ ପୃଷ୍ଠା ର ଜେରକ୍ସ କପି ଦରଖାସ୍ତ ସହିତ ସଂଲଗ୍ନ କରିବେ ।

୫) ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନକାରୀ ଙ୍କୁ ଅନୁମୋଦିତ ହୋଇଥିବା ପରିଚୟ ପତ୍ର ର ଜେରକ୍ସ କପି ପ୍ରଦାନ କରିବେ ।

ଯଦି ଆବେଦନକାରୀଙ୍କ ନାମରେ ଦୋକାନ ଗୃହ ମିଳିଲା ଏବଂ ଛୁଟିଦିନ ବ୍ୟତୀତ ୧୦ ଦିନ ମଧ୍ୟରେ ଚୁକ୍ତି ନ କଲେ ତାହେଲେ ତାଙ୍କ ନାମରେ ଥିବା ଗୃହକୁ ରଦ୍ଦ କରିଦିଆଯିବ ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**ଜ୍ଞାପକ ସଂଖ୍ୟା -** ୨୩୨୨ **ତାରିଖ -** ୦୪.୧୦.୨୦୨୫

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ସମ୍ବଲପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**ଜ୍ଞାପକ ସଂଖ୍ୟା -** ୨୩୨୩ **ତାରିଖ -** ୦୪.୧୦.୨୦୨୫

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ରେଢାଖୋଲ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରେଢାଖୋଲ/ ତହସିଲଦାର, ରେଢାଖୋଲ/ ଥାନା ଭାରପ୍ରାପ୍ତ ଅଧିକାରୀ, ରେଢାଖୋଲ ଏବଂ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**ଜ୍ଞାପକ ସଂଖ୍ୟା -** ୨୩୨୪ **ତାରିଖ -** ୦୪.୧୦.୨୦୨୫

ଏହାର ଏକକିତା ନକଲ DeGM, ସମ୍ବଲପୁର ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହା ସହିତ ଉକ୍ତ ବିଜ୍ଞପ୍ତି କୁ ଜିଲ୍ଲା ୱେବସାଇଟରେ ପ୍ରକାଶିତ କରିବା ପାଇଁ ଅନୁରୋଧ କରାଗଲା

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ